# NATIONAL NEWS BULLETIN (ODIA)

## 8 July - 2025

## Morning Bulletin : 7.15 A.M.

**********************************************

## ମୁଖ୍ୟ ସମ୍ବାଦ

- ବ୍ରାସିଲିଆରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ; ବ୍ରାଜିଲ୍‌ର ରାଷ୍ଟ୍ରପତିଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ହେବ ଆଲୋଚନା ।
- ଭାରତର ଶକ୍ତି କ୍ଷମତାକୁ ଅଧିକ ଉନ୍ନତ ଏବଂ ବ୍ୟାପକ କରିବା ନେଇ ନରୱେରେ ବିଭିନ୍ନ ପ୍ରକଳ୍ପର ଅନୁସନ୍ଧାନ କରାଯାଉଛି, କହିଲେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ।
- ପୁରୀ ଶ୍ରୀକ୍ଷେତ୍ରରେ ରଥାରୁଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଆଜି ନିଳାଦ୍ରୀ ବିଜେ ।
- ବର୍ଦ୍ଧିତ ଶୁଳ୍କ କାର୍ଯ୍ୟକାରିତାର ସମୟସୀମାକୁ ଆସନ୍ତା ପହିଲା ପର୍ଯ୍ୟନ୍ତ ବୃଦ୍ଧି କଲା ଆମେରିକା ।

ଏବଂ

- ୧୯ ବର୍ଷରୁ କମ୍ ଭାରତ-ଇଂଲଣ୍ଡ ଯୁବ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌କୁ ୩-୨ରେ ଅକ୍ତିଆର କଲା ଭାରତ ।

# ପିଏମ୍-ବ୍ରାସିଲିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରିଓଡି ଜେନେରିଓ ଠାରେ ଦୁଇ ଦିନିଆ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବା ପରେ ଆଜି ସକାଳେ ବ୍ରାସିଲିଆ ଠାରେ ପହଞ୍ଚିଛନ୍ତି । ବ୍ରାଜିଲର ପ୍ରତିରକ୍ଷା ମନ୍ତ୍ରୀ ଜୋସ୍ ମୁସିଓ ମୋଣ୍ଟେରୋ ଫିଲ୍‌ହୋ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଏ ସଂପର୍କିତ ଏକ ରିପୋର୍ଟ୍ :

*ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ କହିଛନ୍ତି, ଭାରତ ଏବଂ ବ୍ରାଜିଲ ଦ୍ୱିପାକ୍ଷିକ ସହଭାଗିତାରେ ନୂତନ ପଦକ୍ଷେପ ଗ୍ରହଣ କରୁଛନ୍ତି ।*

*ବ୍ରାଜିଲର ପାରମ୍ପରିକ ସଂଗୀତ 'ସାମ୍ବାରେଗା' ପ୍ରଦର୍ଶନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ବ୍ରାସିଲିଆ ଠାରେ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବ୍ରାଜିଲ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା-ଦାସିଲ୍‌ଭାଙ୍କ ସହିତ ଆଲୋଚନା କରିବେ । ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ମହାକାଶ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଏବଂ ଲୋକସମ୍ପର୍କ ଆଦି ବିଭିନ୍ନ ପ୍ରସଙ୍ଗରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହେବାର ସମ୍ଭାବନା ରହିଛି । ବ୍ରାଜିଲ୍‌ରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଦିନେଶ ଭାଟିଆ ପୂର୍ବରୁ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଏହି ଦ୍ୱିପାକ୍ଷିକ ବୈଠକ ଅବସରରେ ଚାରୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଆତଙ୍କବାଦ ବିରୋଧି ପଦକ୍ଷେପ, ପାରସ୍ପରିକ ଗୁପ୍ତ ସୂଚନା ଆଦାନପ୍ରଦାନ, ନବୀକରଣୀୟ ଶକ୍ତି ଏବଂ କୃଷି ଗବେଷଣାରେ ସହଯୋଗ*

ନେଇ ଏହି ଚୁକ୍ତିପତ୍ର ଗୁଡ଼ିକ ସ୍ୱାକ୍ଷରିତ ହେବ । ବ୍ରାସିଲିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ନାମିବିୟା ଗସ୍ତରେ ଯିବେ ।

ବ୍ରିକ୍ସ ବୈଠକ ପରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ସଦସ୍ୟ ରାଷ୍ଟ୍ର ଗୁଡ଼ିକର ନେତୃବୃନ୍ଦଙ୍କ ସହ ଫଳପ୍ରଦ ଆଲୋଚନା ହୋଇଛି । ବ୍ରିକ୍ସ ଗୋଷ୍ଠିକୁ ଅଧିକ ପ୍ରଭାବଶାଳୀ କରିବା ଲକ୍ଷ୍ୟ ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ପାଇଁ ଶ୍ରୀ ମୋଦୀ ବ୍ରାଜିଲ୍ ରାଷ୍ଟ୍ରପତି ଏବଂ ସେଠାକାର ସରକାରଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି । ବିଭିନ୍ନ ସଦସ୍ୟ ରାଷ୍ଟ୍ର ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଭାରତର ବନ୍ଧୁତାକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି ।

ରିଓଡ଼ି ଜେନେରିଓ ଠାରେ ବ୍ରିକ୍ସ ବୈଠକରେ ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣ କହିଥିଲେ, ଭାରତବାସୀ ପ୍ରକୃତି ପ୍ରତି ଶ୍ରଦ୍ଧା ପ୍ରକାଶ କରିଥାନ୍ତି । ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ପରିବେଶ ସୁରକ୍ଷା ଭାରତବାସୀଙ୍କ ପାଇଁ ଏକ ବିକଳ୍ପ ନୁହେଁ ବରଂ ନୈତିକ କର୍ତ୍ତବ୍ୟ ବୋଲି ଭାରତବାସୀ ଗ୍ରହଣ କରିଛନ୍ତି । ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିଖର ସମ୍ମିଳନୀରେ ସହଯୋଗ, ସ୍ଥିରତା ଏବଂ ନବସୃଜନ ନିର୍ମାଣ କ୍ଷେତ୍ରକୁ ପ୍ରାଥମିକତା ପ୍ରଦାନ କରାଯିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା

# ପୁରୀ-ନରୱେ

ଭାରତର ଶକ୍ତି କ୍ଷମତାକୁ ଅଧିକ ଉନ୍ନତ ଏବଂ ବ୍ୟାପକ କରିବା ଲକ୍ଷ୍ୟ ନେଇ ନରୱେରେ ବିଭିନ୍ନ ପ୍ରକଳ୍ପ ଅନୁସନ୍ଧାନ କରାଯାଉଛି ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି । ନରୱେର ବର୍ଗେନ୍ ସ୍ଥିତ ନର୍ଦ୍ଦନ ଲାଇଟସ୍ ସିଓଟୁ ଟର୍ମିନାଲ୍‌ରେ ଶ୍ରୀ ପୁରୀ ପରିଦର୍ଶନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପୁରୀ ଏ ସମ୍ପର୍କିତ ସୂଚନା ପ୍ରଦାନ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଅଧୀନରେ କେନ୍ଦ୍ର ସରକାର ଭାରତରେ ଏକ ସଂପୂର୍ଣ୍ଣ ଇ ଆଣ୍ଡ ପି ଗଭୀର ଜଳ ପ୍ରଯୁକ୍ତିବିଦ୍ୟା ଇକୋ ସିଷ୍ଟମ ବିକଶିତ କରିବାକୁ ପ୍ରୟାସ ଜାରି ରଖିଛି ।  ଏଥିପାଇଁ ବିଶ୍ୱସ୍ତରରୁ ଏକ ବୃହତ ଅଫସୋର୍ ଅନୁସନ୍ଧାନ ବିଡିଂ ପରିସର ଅଧୀନରେ ଅଢ଼େଇ ଲକ୍ଷ ବର୍ଗ କିଲୋମିଟରରୁ ଅଧିକ ଅନୁସନ୍ଧାନ କ୍ଷେତ୍ର କାର୍ଯ୍ୟକାରୀ କରିବାକୁ ଯୋଜନା ପ୍ରସ୍ତୁତ କରୁଛି ବୋଲି ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି ।

ଓପନ୍ ଏକ୍ରେଜ୍ ଲାଇସେନ୍‌ସିଂ ମାଧ୍ୟମରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ସରକାର ଆଶା ରଖିଛନ୍ତି । ଏହାଦ୍ୱାରା ସମ୍ଭାବ୍ୟ ନିବେଶକ ସେମାନଙ୍କର ପସନ୍ଦ ମୁତାବକ ଅନୁସନ୍ଧାନ କ୍ଷେତ୍ର ଚୟନ କରିବାର ସ୍ୱାଧୀନତା ପାଇବେ । ଶ୍ରୀ ପୁରୀ କହିଛନ୍ତି, ଭୂତଳ ତୈଳସର୍ଭେ, ଗଭୀର ଜଳ ଅନୁସନ୍ଧାନ, ଅଫ୍‌ସୋର୍ ପବନ, କାର୍ବନ କ୍ୟାପ୍‌ଚର ଏବଂ ଷ୍ଟୋରେଜ୍ ପ୍ରଯୁକ୍ତି ବିଦ୍ୟାରେ ଭାରତର  ମହତ୍ୱାକାଂକ୍ଷି ଶକ୍ତି ପରିବର୍ତ୍ତନ ପଦକ୍ଷେପ ସହିତ ନରୱେର ବିଶେଷଜ୍ଞ ଚିନ୍ତାଧାରାକୁ ସମନ୍ୱିତ କରିବାର ଲକ୍ଷ୍ୟ ରଖାଯାଇଛି ।

# ନିଳାଦ୍ରୀ ବିଜେ

ପୁରୀ ଶ୍ରୀକ୍ଷେତ୍ରରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତି ଆଜି ନିଳାଦ୍ରୀ ବିଜେ କରିବେ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରଥ ଉପରେ ସନ୍ଧ୍ୟା ଆଳତି ଓ ସନ୍ଧ୍ୟାଧୂପ ପରେ ଚାରମାଳ ବନ୍ଧାଯିବ । ଏହା ପରେ ଅପରାହ୍ନ ୪ଟାରୁ ଗୋଟି ପହଣ୍ଡିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିଳାଦ୍ରୀ ବିଜେ ଆରମ୍ଭ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଆସନ୍ତାକାଲି ଠାରୁ ଭକ୍ତମାନଙ୍କୁ ନୀଳାଚଳ ଅବଢ଼ା ମିଳିବ ।

ଗତକାଲି ରଥାରୁଢ଼ ଠାକୁରଙ୍କ ଅଧରପଣା ନୀତି ସଂପନ୍ନ ହୋଇଛି । ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧର ଉଚ୍ଚ ପର୍ଯ୍ୟନ୍ତ ମାଟିହାଣ୍ଡି ତିନି ରଥ ଉପରେ ରଖାଯାଇଥିଲା । ପୂଜାପଣ୍ଡା, ସେବକଙ୍କ ଦ୍ୱାରା ପଞ୍ଚୋପଚାରରେ ଶ୍ରୀଜୀଉଙ୍କୁ ଅଧରପଣା ଅର୍ପଣ କରାଯାଇଥିଲା । ଏହି ନୀତି ସଂପନ୍ନ ହେବା ପରେ ମହାପ୍ରଭୁଙ୍କୁ ମହାସ୍ନାନ ଓ ବେଶ କରାଯାଇଥିଲା ।

# ରସଗୋଲା ଦିବସ

ଓଡ଼ିଶାର ମିଷ୍ଟାନ୍ନଗୁଡ଼ିକ ମଧ୍ୟରେ ରସଗୋଲା ଗୁରୁତ୍ୱ ବହନ କରିଥାଏ। ଏହାର ସମ୍ବନ୍ଧ ଭାରତୀୟ ଧର୍ମ, ସଂସ୍କୃତି ଓ ପରାମ୍ପରା ସହ ଜଡିତ। ରସଗୋଲାର ପରମ୍ପରା ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ରଥଯାତ୍ରା ସହ ଜଡିତ ହୋଇଥିବାରୁ ପ୍ରତିବର୍ଷ ଆଜିର ଦିନରେ ରସଗୋଲା

ଦିବସ ପାଳନ କରାଯାଉଛି। ରଥଯାତ୍ରାର ଶେଷ ନୀତି ନୀଳାଦ୍ରି ବିଜେ ଅବସରରେ ରସଗୋଲା ଦିବସ ପାଳନ କରାଯାଇଥାଏ।

ସୂଚନାଯୋଗ୍ୟ, ୨୦୧୫ ମସିହା ଜୁଲାଇ ମାସ ୩୦ ତାରିଖରୁ ରସଗୋଲା ଦିବସ ପ୍ରଥମେ ଆରମ୍ଭ ହୋଇଥିଲା ଏବଂ ୨୦୧୯ ମସିହା ଜୁଲାଇ ମାସ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା।

## ୟୁଏସ୍-ଟାରିଫ୍ ଡେଡ୍‌ଲାଇନ୍ ଏକ୍ସଟେନ୍‌ସନ୍

ଆମେରିକା ଏହାର ପାରସ୍ପରିକ ଶୁଳ୍କ ଲାଗୁ କରିବା ପାଇଁ ମୁକ୍ତି ଦିବସ ପଦକ୍ଷେପକୁ ଆସନ୍ତା ମାସ ପହିଲା ପର୍ଯ୍ୟନ୍ତ ବୃଦ୍ଧି କରିଛି । ଏହାଦ୍ୱାରା ପ୍ରଭାବିତ ଦେଶ ଗୁଡ଼ିକ ଆମେରିକା ସହିତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଚୁଡ଼ାନ୍ତ କରିବାକୁ ଅତିରିକ୍ତ ସମୟ ପାଇବେ ।

ସୂଚନା ଯୋଗ୍ୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଥମେ ଗତ ଏପ୍ରିଲ୍ ୨ ତାରିଖରେ ଭାରତ ସମେତ ଅନ୍ୟ କେତେକ ରାଷ୍ଟ୍ର ଉପରେ ଶୁଳ୍କ ବୃଦ୍ଧି ନେଇ ଘୋଷଣା କରିଥିଲେ । ତେବେ ଏହାର କାର୍ଯ୍ୟକାରିତାକୁ ୯୦ ଦିନ ପାଇଁ ସ୍ଥଗିତ ରଖାଯାଇଥିଲା । ଏହି ସ୍ଥଗିତାଦେଶର ସମୟସୀମା ଆସନ୍ତା କାଲି ଶେଷ ହେବାକୁ ଯାଉଛି । ଏହି ସମୟ ମଧ୍ୟରେ ଆମେରିକା ସହ ବାଣିଜ୍ୟ ଚୁକ୍ତି ସମ୍ପନ୍ନ କରିବା ଲାଗି ପ୍ରଭାବିତ ଦେଶ ଗୁଡ଼ିକୁ ସମୟ ମିଳିଥିଲା । ଏବେ ଏହାକୁ ଆସନ୍ତାମାସ ପହିଲା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ୧୪ଟି ଦେଶ ଉପରେ ନୂତନ ଶୁଳ୍କହାର ଲାଗୁ

ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ପ୍ରଭାବିତ ଦେଶ ଗୁଡ଼ିକର ନେତୃବୃନ୍ଦଙ୍କୁ ଶ୍ରୀ ଟ୍ରମ୍ପ୍ ଚିଠି ମାଧ୍ୟମରେ ଅବଗତ କରାଇଥିଲେ ଯେ ଆମେରିକା ବିରୁଦ୍ଧରେ କୌଣସି ପ୍ରକାର ପ୍ରତିଶୋଧମୂଳକ ପଦକ୍ଷେପ ଅତିରିକ୍ତ ଶୁଳ୍କ ବୃଦ୍ଧିର କାରଣ ହୋଇପାରେ । ବାଣିଜ୍ୟ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବା ଲକ୍ଷ୍ୟ ନେଇ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଆମେରିକା ସୂଚନା ଦେଇଥିଲା ।

## ଜୟପୁର-ଜି. କିଶନ ରେଡ୍ଡୀ

କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ କହିଛନ୍ତି, ଖଣି କ୍ଷେତ୍ରର ବିକାଶ, ଜନକଲ୍ୟାଣକାରୀ ଯୋଜନା ଏବଂ ପରିବେଶ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଜୟପୁର ଠାରେ ଗତକାଲି ୭ ତାରକା ଏବଂ ୫ ତାରକା ମୂଲ୍ୟାଙ୍କିତ ଖଣିର ସମ୍ବର୍ଦ୍ଧନା ସମାରୋହକୁ ସମ୍ବୋର୍ଦ୍ଧନ କରି ଶ୍ରୀ ରେଡ୍ଡୀ ଏହା କହିଛନ୍ତି । ସରକାରଙ୍କ ଖଣି ନୀତି ଆଖପାଖ ଅଞ୍ଚଳର ଲୋକ ଏବଂ ଖଣିରେ କାମ କରୁଥିବା ଶ୍ରମିକଙ୍କର ସ୍ୱାର୍ଥର ସୁରକ୍ଷାକୁ ନିଶ୍ଚିତ କରିଛି । ଖଣି ବିକାଶରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗକୁ ସରକାର ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ଏହି ଅବସରରେ ଖଣି ଶ୍ରମିକଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉପରେ ମନ୍ତ୍ରୀ ଶ୍ରୀ ରେଡ୍ଡୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

**V/O**

# ଇଣ୍ଡିଆ-ୟୁଏନ୍ ଆଫ୍‌ଗାନ୍

ଆଫ୍‌ଗାନିସ୍ତାନ ପରିସ୍ଥିତି ଉପରେ ମିଳିତ ଜାତିସଂଘ ସାଧାରଣ ସଭାରେ ଗୃହିତ ହେବାକୁ ଥିବା ଏକ ପ୍ରସ୍ତାବ ଉପରେ ଭାରତ ଭୋଟ୍ ପ୍ରଦାନରୁ ବିରତ ରହିଛି । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପାର୍ବଥନେନି ହରିଶ ଏହି ପ୍ରସ୍ତାବ ଉପରେ ଆଲୋଚନାରେ କହିଛନ୍ତି, ଆଫ୍‌ଗାନିସ୍ତାନର ସୁରକ୍ଷା ପରିସ୍ଥିତି ଉପରେ ଭାରତ କଡ଼ା ନଜର ରଖିଛି ।

ଆଫ୍‌ଗାନିସ୍ତାନରେ ମାନବିକତା ବଜାୟ ରଖିବା, ଆନ୍ତର୍ଜାତିକ ଆଇନ୍ ପାଳନ ଏବଂ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସଂକ୍ରାନ୍ତ ପ୍ରସ୍ତାବ ମାନବିକ ସଂକଟ, ଦଶନ୍ଧି ଧରି ଚାଲିଥିବା ସଂଘର୍ଷର ସ୍ଥାୟୀ ସମାଧାନ ଉପରେ ପ୍ରଭାବ ପକାଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି । ବିଭିନ୍ନ ପ୍ରସଙ୍ଗ ନେଇ ଇତି ମଧ୍ୟରେ ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ତାଙ୍କ ଆଫ୍‌ଗାନିସ୍ତାନ ପ୍ରତିପକ୍ଷଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଉପରେ ସେ ଏହି ଅବସରରେ ଉଲ୍ଲେଖ କରିଛନ୍ତି ।

ଆଫ୍‌ଗାନିସ୍ତାନ ପ୍ରତି ଭାରତର ଆଭିମୁଖ୍ୟ ଦୀର୍ଘକାଳୀନ ବନ୍ଧୁତା ଏବଂ ବିଶେଷ ବନ୍ଧୁତା ଆଧାରରେ ପରିଚାଳିତ ହୋଇ ଆସିଛି ବୋଲି ସେ କହିଛନ୍ତି । ଏହି ଅବସରରେ ଆଫ୍‌ଗାନିସ୍ତାନକୁ ଭାରତ ଦ୍ୱାରା ପ୍ରଦାନ କରାଯାଇଥିବା ମାନବିକ ସହାୟତା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ ।

## ଜିତେନ୍ଦ୍ର-ବାୟୋ ଇକୋନମି

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ୨୦୩୦ ସୁଦ୍ଧା ଭାରତ ୩୦୦ ବିଲିୟନ୍ ଜୈବ ଅର୍ଥନୀତିର ଲକ୍ଷ୍ୟ ରଖିଛି । ଜୈବ ପ୍ରଯୁକ୍ତି ବିଦ୍ୟା ଇକୋ ସିଷ୍ଟମ ଗତ ଏକ ଦଶନ୍ଧି ମଧ୍ୟରେ ଦ୍ରୁତ ପ୍ରଗତି ହାସଲ କରିଛି ବୋଲି ସେ କହିଛନ୍ତି । ଦେଶର ଷ୍ଟାର୍ଟଅପ୍ ସଂଖ୍ୟା ବୃଦ୍ଧି ପାଇଥିବା ଏହାର ଏକ ପ୍ରତିଫଳନ । ସମ୍ପ୍ରତି କାର୍ଯ୍ୟକାରି ହେଉଥିବା ବାୟୋଇ-ଥ୍ରୀ ନୀତି ସମ୍ପର୍କରେ ଉଲ୍ଲେଖ କରି ଡକ୍ଟର ସିଂହ କହିଛନ୍ତି, ପରିବେଶଗତ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି ଏବଂ ସମାନତାର ସହିତ ଜୈବ ଅର୍ଥନୀତି କ୍ଷେତ୍ରକୁ ଗତିଶୀଳ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

## ଟର୍କି ଟ୍ରୁପ୍ସ ଡେଥ୍

ଇରାକ୍‌ରେ ଏକ ଗୁମ୍ଫା ଖୋଜିବା ସମୟରେ ମିଥେନ ଗ୍ୟାସ୍ ସଂସ୍ପର୍ଶରେ ଆସିବାରୁ ୧୨ ଜଣ ତୁର୍କି ସୈନିକଙ୍କର ମୃତ୍ୟୁ ହୋଇଛି । ତୁର୍କିର ଜାତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଗତକାଲି ଗୁମ୍ଫାର ସନ୍ଧାନ ଏବଂ ସଫେଇ ଅଭିଯାନ ସମୟରେ ଅତି କମ୍‌ରେ ୧୯ ଜଣ ସୈନିକ ମିଥେନ୍ ଗ୍ୟାସ୍‌ର ସଂସ୍ପର୍ଶରେ ଆସିଥିଲେ । ସେମାନଙ୍କୁ ତୁରନ୍ତ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଥିମଧ୍ୟରୁ ୧୨ ଜଣ ସୈନିକ ପ୍ରାଣ ହରାଇଛନ୍ତି । ସୂଚନା ଯୋଗ୍ୟ ଗତ ୨୦୨୨ ମେ ମାସରେ ଇରାକ୍‌ରେ କୁର୍ଦ୍ଦିସ୍ତାନ ଓ୍ୱାର୍କସ୍ ପାର୍ଟିର ଆତଙ୍କବାଦୀଙ୍କ ବିରୁଦ୍ଧରେ ତୁର୍କି ସୈନ୍ୟବାହିନୀ ନେତୃତ୍ୱରେ ଏକ ସାମରିକ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି

ସମୟରେ ଆକ୍ରମଣ ପ୍ରତିଆକ୍ରମଣରେ ତୁର୍କିର ଜଣେ ସୈନିକଙ୍କର ମୃତ୍ୟୁ ହୋଇଥିଲା । ସେହି ସୈନିକର ମୃତ ଦେହ ଖୋଜିବା ପାଇଁ ତୁର୍କି ସେନା ଇରାକ୍‌ର ଗୁମ୍ପା ନିକଟରେ ତଲାସୀ ଅଭିଯାନ ଜାରି ରଖିଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।